## ସଂକ୍ଷେପରେ

### ଯୁବକଙ୍କୁ ଆକ୍ରମଣ କରି ୩ ଗିରଫ

**ଆଳି,୨୯।୧୧(ଡି.ଏନ.ଏ.):** ଆଳି ଥାନା ଅନ୍ତର୍ଗତ ପଦନପୁର ଗାଁର ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ ସହ ଗାଳି ଗୁଲଜ କରିବା ଘଟଣାରେ ପୋଲିସ ୩ ଜଣଙ୍କୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ପଦନପୁର ଗାଁର ସେକ କଲାମ ଅଭିଯୋଗ ଅନୁଯାୟୀ, ରବିବାର ତାଙ୍କ ଦେହ ଅସୁସ୍ଥ ହୋଇଥିବାରୁ ସେ ବାଇକ୍ ନେଇ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଥିଲେ। ତାଙ୍କୁ ଆଳି ୮ କଣିଆ ଛକରେ ବଳଭଦ୍ରପୁର ଗାଁର ଶୁଭାଶିଷ ଷଡଙ୍ଗୀ, ରାଜକନିକା ଥାନା ଚରପଡା ଗାଁର ଦୁଷ୍ମନ୍ତ ଆଚାର୍ଯ୍ୟ ଓ ମହୁ ଗାଁର ସଞ୍ଜୟ ବ୍ରହ୍ମା କଲାମଙ୍କୁ ଅଟକାଇ ଗାଳି ଗୁଲଜ କରିବା ସହ ଟଙ୍କା ଛଡାଇ ନେଇଥିବା ଅଭିଯୋଗ ହୋଇଥିଲା। ଅପରପକ୍ଷରେ ଶୁଭାଶିଷଙ୍କ ଅଭିଯୋଗ କରିଛନ୍ତି, ରବିବାର ରାତିରେ କଟକ-ଚାନ୍ଦବାଲି ରାସ୍ତାର ୮ କଣିଆ ଛକ ନିକଟରେ ଛୋଟ ଗାଡ଼ିରେ ଗୋରୁ ବୋଝେଇ କରି ନିଆଯାଉଥିଲା। ସେ ଗାଡିକୁ ଅଟକାଇ ଥାନାକୁ ଖବର ଦେଇଥିଲେ। ଥାନାରୁ ଜଣେ କନଷ୍ଟେବଲ ଘଟଣାସ୍ଥଳକୁ ଯାଇଥିଲେ। ସେ ବରିଷ୍ଠ ଅଧିକାରୀଙ୍କୁ ଡାକିବା ନିମନ୍ତେ ଥାନାକୁ ଆସି ପୁନର୍ବାର ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଗାଡି ସେଠାରୁ ପଳାଇ ଯାଇଥିଲା। ଏ ନେଇ ସେ ପୁନର୍ବାର ଥାନାକୁ ଆସିବା ପରେ ତାଙ୍କୁ ଅଟକ ରଖି ମିଥ୍ୟା ମାମଲାରେ ଛନ୍ଦି ପୋଲିସ ଗିରଫ କରିଛି। ଏ ସମ୍ପର୍କରେ ପୋଲିସ କୌଣସି ସୂଚନା ନ ଦେଇ ସେକ୍ କଲାମଙ୍କ ଅଭିଯୋଗକୁ ଆଧାର କରି ସେମାନଙ୍କୁ ଗିରଫ କରିଥିବା ସୂଚନା ଦେଇଛନ୍ତି।

### ହୃଦ୍‌ଘାତରେ ଯୁବକଙ୍କ ପରଲୋକ

**କାଳିଆପାଣି,୨୯।୧୧(ଡି.ଏନ.ଏ.):** ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅଧୀନ କାଳିଆପାଣି ଗ୍ରାମର ସୁବାସ ମହାନ୍ତ (୩୫)ଙ୍କ ରବିବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ସୁବାସ ବେଦାନ୍ତ ଫେଙ୍କର ଓସ୍ତପାଳ ଖଣିରେ କାର୍ଯ୍ୟରତ ଥିଲେ । ଗତ ଶୁକ୍ରବାର ସେ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ପ୍ରଥମେ ଟାଟା ମେଡିକା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ପରେ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତର କରାଯାଇଥିଲା । ରବିବାର ଅପରାହ୍ଣ ୫ ଟାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି । ସୁବାସଙ୍କ ସ୍ତ୍ରୀ ଓ ଏକ ୨ ବର୍ଷର ଶିଶୁପୁତ୍ର ଅଛନ୍ତି ।

### ଗୋପବନ୍ଧୁ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ

**ରାଜକନିକା,୨୯।୧୧(ଡି.ଏନ.ଏ.):** ଗୋପବନ୍ଧୁ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସଭାପତି ବିଜୟ କୁମାର ମହାକୁଡ ପୌରୋହିତ୍ୟ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ରାମଚନ୍ଦ୍ର ପାଣ୍ଡବ, ମୁଖ୍ୟବକ୍ତା କନିକା ପୁଜ୍ୟପୂଜା ପରିଷଦର ସଭାପତି ଦୁର୍ଯ୍ୟୋଧନ ସାମଲ, ସମ୍ମାନିତ ଅତିଥି ଖବରଦାତା ଶିବରାମ ଦାସ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପର୍ଶୁରାମ ରାଉତ ଓ ରାଜକନିକା ବ୍ଲକ ଯାଦବ ମହାସଭାର ସାଧାରଣ ସମ୍ପାଦକ ମନୋଜ ପରିଡା ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟକୁ ସମୃଦ୍ଧି କରିବାକୁ ଏହି ଅନୁଷ୍ଠାନର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏହି ଅବସରରେ ଝୋଟି, ନୃତ୍ୟ, ସଙ୍ଗୀତ, ବକ୍ତୃତା, ସାଧାରଣଜ୍ଞାନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏହି ଅନୁଷ୍ଠାନ ପକ୍ଷରୁ ରାମଚନ୍ଦ୍ର ପାଣ୍ଡବଙ୍କୁ ବୈକୁଣ୍ଠନାଥ ସ୍ମୃତି ସମ୍ମାନ ଓ ମହେଶ୍ୱର ଓଝାଙ୍କୁ ଶିଳ୍ପି ସମ୍ମାନ ଓ ମଙ୍ଗଳପୁରର ବିଦ୍ୟାର୍ଥୀ ସୁଶ୍ରୀ ପୃଷ୍ଟିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସାଧାରଣ ସମ୍ପାଦକ ଶୈଳେନ୍ଦ୍ର ନାରାୟଣ ଦାସ ବିବରଣୀ ପାଠ କରିଥିଲେ। ଅମୂଲ୍ୟ କୁମାର ବେହେରା ଅତିଥି ପରିଚୟ ଓ ଅଲେଖ ଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

### ଫେରାର ଅଭିଯୁକ୍ତ ଗିରଫ

**ଧର୍ମଶାଳା,୨୯।୧୧(ଡି.ଏନ.ଏ.):** ଜେନାପୁର ଥାନା ସମ୍ପାରୁ ପଞ୍ଚାୟତ ବାଡ଼ିଯୋଡା ଗ୍ରାମର କରୁଣାକର ରାଉତଙ୍କୁ ସେହି ଗ୍ରାମର ଗୋପାଳକୃଷ୍ଣ ଭାରତି ଓ ତାଙ୍କ ଭାଇମାନେ ମିଳିତ ଭାବେ ଗତ ଅକ୍ଟୋବର ୩୧ ତାରିଖରେ ଆକ୍ରମଣ କରିଥିଲେ । ଏଥିରେ ଏଥିରେ କରୁଣାକର ଗୁରୁତର ହୋଇଥିଲେ । ଆହତ କରୁଣାକରଙ୍କ ଭାଇ ତରୁଣଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା(ନଂ.୩୨୨/୨୧) ରୁଜୁ କରି ତଦନ୍ତ ଚଳାଇଥିଲା। ରବିବାର ରାତିରେ ଅଭିଯୁକ୍ତ ଗୋପାଳ ଘରେ ଥିବା ସୂଚନା ପାଇ ପୋଲିସ ତାକୁ ଗିରଫ କରିଥିଲା। ସୋମବାର ତାକୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି ।

# ଖରିଫ୍ ଚାଷକୁ ନଷ୍ଟ କରୁଛି ବାର୍‌ହା

- ଅଧିବାସୀ ସୁରକ୍ଷିତ ନୁହନ୍ତି
- ତାରବାଡ଼ ପାଇଁ ସ୍ଥାନୀୟ ଅଞ୍ଚଳରେ ଦାବି
- ଜଙ୍ଗଲୀ ଜନ୍ତୁଠାରୁ ଦୂରେଇ ରହିବାକୁ ପରାମର୍ଶ

**କେନ୍ଦ୍ରାପଡା ଅଫିସ, ୨୯।୧୧**


ଧାନ ଜମିକୁ ଆସିଥିବା ବାର୍‌ହା।

ଭିତରକନିକା ଜାତୀୟ ଉଦ୍ୟାନ ଅଞ୍ଚଳରେ ଗତ ଡିସେମ୍ବରରେ ବନ୍ୟଜନ୍ତୁ ଗଣନା ସମୟରେ ବାର୍‌ହାଙ୍କ ସଂଖ୍ୟା କମିଥିବା ସୂଚନା ମିଳିଥିଲା। ଏହାସତ୍ତ୍ୱେ ଜଙ୍ଗଲୀ ବାର୍‌ହାଙ୍କ ଉପଦ୍ରବ ତଟ ଅଞ୍ଚଳର ଖରିଫ ଚାଷ ଅମଳ ସମୟରେ ଦେଖିବାକୁ ମିଳିଛି। କରୋନା ସଂକ୍ରମଣ ପାଇଁ ପ୍ରବାସୀ ଘରକୁ ଆସି ରୋଜଗାର ପାଇଁ କୃଷି ଆରମ୍ଭ କରିଥିବା ବେଳେ ବାର୍‌ହାଙ୍କ ଆକ୍ରମଣରେ ଉପାନ୍ତ ଅଞ୍ଚଳବାସୀ ଆତଙ୍କିତ ହୋଇଛନ୍ତି। ସେହିପରି ଚଳିତବର୍ଷ ସାମୁଦ୍ରିକ ଝଡ଼ ଓ ଲଗାଣ ବର୍ଷା ଖରିଫ ଚାଷ ଆରମ୍ଭରୁ କ୍ଷତି କରିଥିବା ବେଳେ ଏବେ ଜଙ୍ଗଲୀ ବାର୍‌ହାଙ୍କ ନିୟନ୍ତ୍ରଣ ବ୍ୟବସ୍ଥା ବନ ବିଭାଗ ପକ୍ଷରୁ ହେଉ ନ ଥିବା ସ୍ଥାନୀୟ ଅଧିବାସୀ ମତ ଦେଇଛନ୍ତି।

ଏ ସମ୍ପର୍କରେ ମହାକାଳପଡ଼ା ବ୍ଲକ ଜଗତିଜୋର ଗ୍ରାମର ପ୍ରଫୁଲ୍ଲ ସ୍ୱାଇଁ କହିଛନ୍ତି, ବାର୍‌ହାଙ୍କ ଉପଦ୍ରବ ଯୋଗୁ ମାସକ ମଧ୍ୟରେ ୧୦ରୁ ଊର୍ଦ୍ଧ୍ୱ ସ୍ଥାନରେ ଆକ୍ରମଣ ଘଟଣା ନଜରକୁ ଆସିଛି। ଏହି ଜଙ୍ଗଲୀ ପଶୁ ଆକ୍ରମଣ ଘଟଣା ପ୍ରତିବର୍ଷ ବଢି ଚାଲିଥିବାରୁ ନିକଟସ୍ଥ ଗ୍ରାମବାସୀ ଧାନ ଅମଳକୁ ନେଇ ଚିନ୍ତାରେ ପଡିଛନ୍ତି। ବଟିଘର ଗାଁର ରମଣୀରଞ୍ଜନ ଦାସ କୁହନ୍ତି, ଭିତରକନିକା ଅଞ୍ଚଳରେ ବାର୍‌ହାଙ୍କ ସଂଖ୍ୟା ବଢ଼ିଛି। ଏହି ସମୟରେ ପାଚିଲା ଧାନ ଖାଇବାକୁ ଜଙ୍ଗଲରୁ ବାହାରି କ୍ଷେତକୁ ପଶି ଆସୁଛନ୍ତି। ବନ ବିଭାଗ ପକ୍ଷରୁ ଏମାନଙ୍କୁ ରୋକିବାକୁ ଆବଶ୍ୟକ ପଦକ୍ଷେପ ନିଆଯାଉନାହିଁ। ଜଙ୍ଗଲ ନିକଟ ଗ୍ରାମ ସୀମାରେ ତାରବାଡ ଘେରାଇବା, ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ କରିବା ଓ ବନ୍ୟଜନ୍ତୁଙ୍କ ଆକ୍ରମଣଜନିତ ମୃତାହତ ବ୍ୟକ୍ତିଙ୍କୁ ସହାୟତା ଯୋଗାଇବାକୁ ସରକାରୀ ନିୟମ ରହିଥିଲେ ମଧ୍ୟ ଏହାର ସୁଫଳ ଲୋକେ ପାଉ ନାହାନ୍ତି। ଫଳରେ ରାଜନଗର ଓ ମହାକାଳପଡ଼ା ବ୍ଲକ ଅଞ୍ଚଳର ବ୍ରାହ୍ମଣସାହି, ଡେରା, ଡାଙ୍ଗମାଳ, ହାତିନା, ଗୁପ୍ତି, ସାତଭାୟା, ଈଶ୍ୱରପୁର, କେରୁଆଁପାଳ, ତନ୍ତିଆପାଳ, ବଟିଘର ପ୍ରଭୃତି ଅଞ୍ଚଳର ଚାଷୀ ବହୁ କ୍ଷତି ସହୁଛନ୍ତି। ଏ ସମ୍ପର୍କରେ ରେଞ୍ଜର ଦେବାଶିଷ ଭୋଇ କୁହନ୍ତି, ନଭେମ୍ବରରୁ ଫେବୃଆରୀ ପର୍ଯ୍ୟନ୍ତ ଜଙ୍ଗଲୀ ବାର୍‌ହାଙ୍କ ପ୍ରଜନନ ସମୟ। ଏହି ସମୟରେ ପ୍ରଚୁର ଖାଦ୍ୟର ଆବଶ୍ୟକତା ଅଛି। ଏଥିସହ ଏହି ସମୟରେ ସେମାନଙ୍କର ଆକ୍ରମଣ ପ୍ରବୃତ୍ତି ବୃଦ୍ଧି ପାଇଥାଏ। ଜଙ୍ଗଲ ଆଖାପାଖ ଅଞ୍ଚଳରେ ପାଚିଲା ଧାନ ସହଜଲବ୍ଧ ଖାଦ୍ୟ ହୋଇଥିବାରୁ କ୍ଷେତକୁ ଚାଲି ଆସିଥାନ୍ତି। ବନ ବିଭାଗ ପକ୍ଷରୁ ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳରେ ସଚେତନତା ସୃଷ୍ଟି କରାଯାଉଛି। ଏଥିରେ ସ୍ଥାନୀୟ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ସହଯୋଗ ମିଳୁଛି। ଜଙ୍ଗଲର ଆଖପାଖ ଗ୍ରାମଗୁଡିକରେ ବନ ବିଭାଗ ପକ୍ଷରୁ ରାତ୍ର ଜଗୁଆଳ ବ୍ୟବସ୍ଥା ହୋଇଛି। ଗ୍ରାମ ନିକଟ ଜଙ୍ଗଲ ସୀମାରେ ତାରବାଡ ହୋଇଛି। ସମସ୍ତ ବନାଞ୍ଚଳକୁ ତାରବାଡ ଘେରାଇବା ସମ୍ଭବ ନୁହେଁ। ତେବେ କେତେଗୋଟି ବାର୍‌ହା ଆକ୍ରମଣ ଘଟଣାର ଅନୁଧ୍ୟାନ ସମୟରେ ବନ୍ୟଜନ୍ତୁ ଶିକାର ଘଟଣା ଜଣାପଡିଛି। ଏପରି କି ବିଭାଗ ପକ୍ଷରୁ ଏପରି ଶିକାରୀଙ୍କୁ ଗିରଫ କରୁଛି। ରାତ୍ରିରେ ଚାଷ କ୍ଷେତକୁ ସୁରକ୍ଷା ଦେବାକୁ ଯାଉଥିବା ଚାଷୀ ସାବଧାନତା ଅବଲମ୍ବନ କରନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ତଦାରଖ

**ବିରିଡି,୨୯।୧୧(ଡି.ଏନ.ଏ.)**

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅତିରିକ୍ତ ଶାସନ ସଚିବ ତଥା ଜଗତସିଂହପୁର ଜିଲା ନୋଡାଲ ଅଫିସର ଲୋପାମୁଦ୍ରା ମହାପାତ୍ର ସୋମବାର ବିରିଡି ବ୍ଲକ ପରିଦର୍ଶନ ଆସିଥିଲେ। ସେ ପ୍ରଥମେ ହାଜିପୁର ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ସେଠାରେ ହୋଇଥିବା କଠିନ ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟ ଓ ଏମଜିଏନ୍‌ଆର୍‌ଇଜିଏସ୍‌ରେ ନିର୍ମାଣ କରାଯାଇଥିବା ଲାଇବ୍ରେରି ଗୃହ ବୁଲି ଦେଖିଥିଲେ। କୁଲକଇଜଙ୍ଗା ପଞ୍ଚାୟତରେ ପହଞ୍ଚି ଏହି ଯୋଜନାରେ ହୋଇଥିବା ରାସ୍ତାକୁ ପରିଦର୍ଶନ କରିଥିଲେ। ପରେ ୨୨ ମୌଜା ଉକୁନ୍ଦରା ପଞ୍ଚାୟତକୁ ଯାଇ ରଘୁନାଥପୁର ପାନୀୟ ଜଳ ପ୍ରକଳ୍ପ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହୋଇଥିବା ଗୃହ କାର୍ଯ୍ୟର ତଦାରଖ କରିଥିଲେ । ପରେ ସେଠାରୁ ରଘୁନାଥପୁର ବ୍ଲକ ପରିଦର୍ଶନରେ ଯାଇଥିଲେ। ତାଙ୍କ ସହ ଜଗତ୍‌ସିଂହପୁର ପିଡି ସରୋଜକାନ୍ତ ମହାନ୍ତି, ଏମଜିଏନ୍‌ଆରଇଜିଏସ୍ କୋ-ଅର୍ଡିନେଟର ପ୍ରାଚୀପରିମିତା ମିଶ୍ର, ବିଡିଓ ହେମନ୍ତକୁମାର ମହାନ୍ତ, ସହକାରୀ ନିର୍ବାହୀ ଯନ୍ତ୍ରୀ କୃଷ୍ଣଚନ୍ଦ୍ର ସେଠୀ, ପାନୀୟଜଳ ପ୍ରକଳ୍ପ ସହକାରୀ ନିର୍ବାହୀ ଯନ୍ତ୍ରୀ ରବୀନ୍ଦ୍ର କୁମାର ସେଠୀ, କନିଷ୍ଠ ଯନ୍ତ୍ରୀ ସ୍ନିଗ୍ଧାପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର

**ରଘୁନାଥପୁର,୨୯।୧୧(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଓରମାସ ପକ୍ଷରୁ ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫ଟି କମ୍ପାନୀ ଯୋଗଦେଇ ନିଯୁକ୍ତି ସୁଯୋଗ ସମ୍ପର୍କରେ ନିଜର ଆଭିମୁଖ୍ୟ ରଖିଥିଲେ। ମୋଟ ୧୦୬ ଜଣ ବେକାର ଯୁବତୀ ଯୁବକ ଏଥିରେ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୫୫ ଜଣ କମ୍ପାନୀ ସହ ଅନୁବନ୍ଧିତ ହୋଇ ଟ୍ରେନିଂ ନେବା ପାଇଁ ସହମତି ପ୍ରକାଶ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ସଭାରେ ଏବିଡିଓ ଅଶୋକ କୁମାର ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଜିଲା ସଂଯୋଜକ ପବିତ୍ର ସ୍ୱାଇଁ ଓ ଓଡିଶା ଜୀବିକା ମିଶନ ବିପିଏମ କଳ୍ପନା ଦଳେଇ ଏହାର ଆଭିମୁଖ୍ୟ ସମ୍ପର୍କରେ ପ୍ରକାଶ କରିଥିଲେ। ଚଳିତବର୍ଷ ବ୍ଲକରୁ ୭୬ଜଣଙ୍କୁ ଆତ୍ମନିଯୁକ୍ତି ଦେବା ପାଇଁ ନିର୍ଦ୍ଦେଶ ଥିବାବେଳେ ୨ ପର୍ଯ୍ୟାୟରେ ମୋଟ ୯୮ ଜଣଙ୍କୁ ଏହି ସୁଯୋଗ ଦିଆ ଯାଇଥିବା ଦଳେଇ ପ୍ରକାଶ କରିଥିଲେ। ମିନାରାଣୀ ଦାସ ଏହାକୁ ସଞ୍ଚାଳନ କରିଥିବା ବେଳେ ବିଶ୍ୱଜିତା ଦାଶ ଓ ତ୍ରିନାଥ ଦାସ ସହଯୋଗ କରିଥିଲେ।

# ବଣିକ ସଂଘ, ପ୍ରଶାସନ ମୁହାଁମୁହିଁ

## ଦୁର୍ଗା ମଣ୍ଡପ ସମ୍ମୁଖ ପୂଜା ଗୃହ ଉଚ୍ଛେଦକୁ ନେଇ ଉତ୍ତେଜନା

**ରାହାମା,୨୯।୧୧(ଡି.ଏନ୍.ଏ.)**

ରାହାମା ଦୁର୍ଗା ମଣ୍ଡପ ସମ୍ମୁଖ ଭାଗ ପୂଜା ଗୃହ ଗୋଚର ଜମିରେ ନିର୍ମାଣ ହୋଇଥିବା ପୂର୍ବରୁ ଅଭିଯୋଗ ହୋଇଥିଲା। ଏହାକୁ ଉଚ୍ଛେଦ କରିବା ପାଇଁ ସୋମବାର ବ୍ଲକ ପ୍ରଶାସନର ଅଧିକାରୀମାନେ ଆସିଥିବାବେଳେ ବିରୋଧର ସମ୍ମୁଖୀନ ହୋଇଛନ୍ତି। ପୂର୍ବାହ୍ଣ ସମୟରେ କୁଜଙ୍ଗ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ର ଓ ଜଗତସିଂହପୁର ସବ୍‌କଲେକ୍ଟର ଧର୍ମାନନ୍ଦ ମାଲିକ ୩ ପ୍ଲାଟୁନ ପୋଲିସ ଫୋର୍ସ ସହ ଉକ୍ତ ପୂଜାଗୃହକୁ ଭାଙ୍ଗିବାକୁ ଆସିଥିଲେ। ଏହି ସମୟରେ ବଣିକ ସଂଘ ସଭାପତି ଜଟାଧାରୀ ଦାସଙ୍କ ଆହ୍ୱାନ କ୍ରମେ ସ୍ଥାନୀୟ ବ୍ୟବସାୟୀ ଏକତ୍ରିତ ହୋଇ ଦୁର୍ଗା ମଣ୍ଡପ ଆଗରେ ବସିଥିଲେ। ମାତ୍ର ପ୍ରଶାସନ ନ ଶୁଣିବାରୁ ସେମାନେ ନାରାବାଜି କରିଥିଲେ। ଆଇନଜୀବୀ ଗଜେନ୍ଦ୍ର ବିଶ୍ୱାଳ, ସାମାଜିକ କର୍ମୀ ପ୍ରତାପ ଚନ୍ଦ୍ର ମହାନ୍ତି, ଶିକ୍ଷକନେତା କୁଳମଣି ସାହୁ, ପୂର୍ବତନ ଜିଲାପରିଷଦ ସଭ୍ୟ ଅଜୟ ସାହୁ, ସାଇଲୋ ପୂର୍ବତନ ସରପଞ୍ଚ ଶିଶିର ଦାସ,ଭିକାରୀ ସେନାପତି ପ୍ରମୁଖ ଏହିଏହାର ନେତୃତ୍ୱ ନେଇଥିଲେ। ସାଇଲୋ ସରପଞ୍ଚ ରୋଜାଲିନ ମହାପାତ୍ର, ତାଳପଡା ସରପଞ୍ଚ ମମତା ସାହୁ ଧାରଣା ସ୍ଥଳରେ ଉପସ୍ଥିତ ରହି ସ୍ଥାନୀୟ ବ୍ୟବସାୟୀଙ୍କୁ ସମର୍ଥନ କରିଥିଲେ। ଖବରପାଇ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ବଣିକ ସଂଘ ଏବଂ ପ୍ରଶାସନ ଆଲୋଚନା ପାଇଁ ଅଧିକ ୭ ଦିନ ସମୟ ଦେବାକୁ କହିଥିଲେ। ଏହାପରେ ପରିସ୍ଥିତି ଶାନ୍ତ ପଡିଥିଲା। ସୂଚନାଯୋଗ୍ୟ, ଉକ୍ତ ଜମିରେ ପୂଜା ଗୃହ ନିର୍ମାଣ ସମୟରେ ଅଭିଯୋଗ ହେବାରୁ ପ୍ରଶାସନ ପକ୍ଷରୁ ଏହି କାର୍ଯ୍ୟ ବନ୍ଦ ରଖିବାକୁ ପୂର୍ବରୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ରାହାମାର ବଣିକ ସଂଘ ଉକ୍ତ ନିର୍ଦ୍ଦେଶକୁ ନ ମାନି ସେଠାରେ ନିର୍ମାଣ କାର୍ଯ୍ୟ କରାଇଥିଲେ। ନିର୍ଦ୍ଦେଶନାମା ଉଲ୍ଲଂଘନ ହୋଇଥିବାରୁ ପ୍ରଶାସନ ଉକ୍ତ ଗୃହକୁ ଭାଙ୍ଗିବାକୁ ଆସିଥିଲା।


ଉଚ୍ଛେଦକୁ ବିରୋଧ କରି ଦୁର୍ଗାମଣ୍ଡପ ସମ୍ମୁଖରେ ବସିଥିବା ବ୍ୟବସାୟୀ।

# ୧୮ ଦଫା ଦାବିରେ କାର୍ଯ୍ୟରତ ବୈଜ୍ଞାନିକମାନଙ୍କ ଧାରଣା


ଜିଲା କୃଷି ବିଜ୍ଞାନ କେନ୍ଦ୍ରରେ କାର୍ଯ୍ୟରତ ବୈଜ୍ଞାନିକମାନେ ଧାରଣାରେ ବସିଛନ୍ତି।

## ନିମକଣା ଜିଲା କୃଷି ବିଜ୍ଞାନ କେନ୍ଦ୍ରରେ ଆନ୍ଦୋଳନ

**ତିର୍ତ୍ତୋଲ,୨୯।୧୧(ଡି.ଏନ.ଏ.)**

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଶିକ୍ଷକ ସଂଘର ୧୮ ଦଫା ଦାବିରେ ତିର୍ତ୍ତୋଲ ବ୍ଲକ ନିମକଣାସ୍ଥିତ ଜିଲା କୃଷି ବିଜ୍ଞାନ କେନ୍ଦ୍ରରେ କାର୍ଯ୍ୟରତ ବୈଜ୍ଞାନିକମାନେ ସୋମବାର ଆନ୍ଦୋଳନରେ ସାମିଲ ହୋଇଛନ୍ତି। ସେମାନେ ଦିନରେ କାର୍ଯ୍ୟ କରିବା ସହ ସନ୍ଧ୍ୟା ୫ଟା ପରେ କଳା ବ୍ୟାଜ ପରିଧାନ କରି ଧାରଣାରେ ବସିଛନ୍ତି। ଏହି ଦାବିଗୁଡ଼ିକ ମଧ୍ୟରେ ଓୟୁଏଟିର ପ୍ରାଧ୍ୟାପକ ଓ ପ୍ରମୁଖ ଅଧ୍ୟାପକ ପଦବୀଗୁଡିକୁ ସିଧାସଳଖ ଚୟନ କରିବା, ଅବସର ବୟସ ସୀମା ୬୫ ବର୍ଷକୁ ବୃଦ୍ଧି, ଏହାଛଡ଼ା ବିଭିନ୍ନ ପ୍ରତିଷ୍ଠାନ, କାର୍ଯ୍ୟାଳୟ ଓ କୃଷି ଫାର୍ମରେ କାର୍ଯ୍ୟରତ ନିୟମିତ ଶ୍ରମିକଙ୍କୁ ଇପିଏଫ୍ ପ୍ରଦାନ ନିମନ୍ତେ ଦିଆଯାଉଥିବା କାରଣ ଦର୍ଶାଅ ନୋଟିସକୁ ପ୍ରତ୍ୟାହାର କରିବା ଆଦି ପ୍ରମୁଖ ରହିଛି। ଏହି ଆନ୍ଦୋଳନରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ.ବିଶ୍ୱରଞ୍ଜନ ପଟ୍ଟନାୟକ, ବୈଜ୍ଞାନିକ ସସ୍ମିତା ପୁରୋହିତ, ଆଶିଷ ମହାନ୍ତି, ଡ.ପ୍ରଭାତ ପାଢୀ, ମୃତ୍ତିକା ବିଶେଷଜ୍ଞ ପି.ମାଝୀ ଓ ଦେବାଶିଷ ପଣ୍ଡା ପ୍ରମୁଖ ସାମିଲ ହୋଇଛନ୍ତି।

# ଭର୍ତ୍ତୁଆଲରେ ହେବ ୨୩ତମ ପୁସ୍ତକ ମେଳା

## ଜଗତ୍‌ସିଂହପୁର ସାଂସ୍କୃତିକ ପରିଷଦର ସାଧାରଣ ପରିଷଦ ବୈଠକ

**ଜଗତ୍‌ସିଂହପୁର ଅଫିସ, ୨୯।୧୧**

କୋଭିଡ୍ କଟକଣା ଯୋଗୁ ଜଗତ୍‌ସିଂହପୁର ୨୩ତମ ପୁସ୍ତକ ମେଳା ଭର୍ତ୍ତୁଆଲ ମାଧ୍ୟମରେ କରାଯିବ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଜଗତ୍‌ସିଂହପୁର ସାଂସ୍କୃତିକ ପରିଷଦର ସାଧାରଣ ପରିଷଦ ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ପରିଷଦ ଅଧ୍ୟକ୍ଷ ତଥା ଜିଲାପାଳ ପାରୁଲ ପଟୱାରି ପୌରୋହିତ୍ୟ କରିଥିବାବେଳେ ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀ ପରିଚାଳନା କରିଥିଲେ। ୨୦୨୨ ଜାନୁୟାରୀ ୧୫ରେ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଭର୍ଚ୍ଚୁଆଲ ମୋଡ୍‌ରେ ସଭା ଅନୁଷ୍ଠିତ ହେବ। ସେହିଦିନ ପୁସ୍ତକ ମେଳାର ମୁଖପତ୍ର 'ସ୍ମୃତି ପତ୍ର' ଉନ୍ମୋଚନ କରାଯିବାକୁ ବୈଠକରେ ସ୍ଥିର କରାଯାଇଛି। କାର୍ଯ୍ୟକ୍ରମର ଆରମ୍ଭରେ ସାହିତ୍ୟିକ ମନୋଜ ଦାସ, ପରିଷଦର ପ୍ରତିଷ୍ଠାତା ସଦସ୍ୟ ଡ. ଭୋଳାନାଥ ରାଉତ, ପୂର୍ବତନ ଜିଲାପାଳ ସର୍ବେଶ୍ୱର ମହାନ୍ତି, ପୂର୍ବତନ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପୀତାମ୍ବର ସ୍ୱାଇଁ, ପୂର୍ବତନ ବିଧାୟକ ଉମେଶ ଚନ୍ଦ୍ର ସ୍ୱାଇଁ, ସାହିତ୍ୟିକ ଡ. ନିତ୍ୟାନନ୍ଦ ଶତପଥୀ, ଡ. ରତ୍ନାକର ଚଇନି, ରାଜକିଶୋର ମିଶ୍ର, ଦେବାଶିଷ ପାଣିଗ୍ରାହୀ, ପରିଷଦର ସଭ୍ୟ ପ୍ରାଣକୃଷ୍ଣ ସେଠୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିରଞ୍ଜନ ଜେନା ଓ ପଦ୍ମନାଭ ମିଶ୍ରଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ପରିଷଦର ଯୁଗ୍ମ ସମ୍ପାଦକ ସୁଧୀର କୁମାର ମହାନ୍ତି ସ୍ୱାଗତ ଭାଷଣ, ସାଧାରଣ ସମ୍ପାଦକ ଦାସ ପୂର୍ବ ବର୍ଷର ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ଗଣେଶ୍ୱର ମାଣିଆ, ଯୁଗ୍ମ ସମ୍ପାଦକ ନରେଶ ଦାସ, ସଭ୍ୟ ନଟବର ବାରିକ, ରବୀନ୍ଦ୍ରନାଥ ମହାନ୍ତି, ଡ. ଶଶାଙ୍କ ଶେଖର ଲେଙ୍କା, ସୁବ୍ରତ କୁମାର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପରିଷଦ ଉପାଧ୍ୟକ୍ଷ ବିଜୟ କୁମାର ରାଉତ ଧନ୍ୟବାଦ ଦେଇଥିଲେ।

# ଦାବି ପୂରଣ ନ ହେଲେ ଜଳ ଯୋଗାଣ ବନ୍ଦ ଚେତାବନୀ

**କେନ୍ଦ୍ରାପଡ଼ା ଅଫିସ, ୨୯।୧୧**

କେନ୍ଦ୍ରପଡ଼ା ବ୍ଲକ ଏସ୍‌ଇଏମ୍ ଓ ଜଳ ଯୋଗାଣ କର୍ମଚାରୀ ସଂଘ ଜିଲାପାଳଙ୍କୁ ୮ ଦଫା ସମ୍ବଳିତ ଦାବିପତ୍ର ସୋମବାର ଦେଇଛନ୍ତି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ପାଇପ ଯୋଗେ ଜଳ ଯୋଗାଣକୁ ବନ୍ଦ କରି ଦେବେ ବୋଲି ବ୍ଲକ ସଭାପତି ପ୍ରଫୁଲ୍ଲ ପଲେଇ କହିଛନ୍ତି। ସେ ପ୍ରକାଶ କରିଛନ୍ତି, ଗ୍ରାମାଞ୍ଚଳ ଜଳ ଯୋଗାଣକୁ ରାଜ୍ୟ ଓ କେନ୍ଦ୍ର ସରକାର ଗୁରୁତ୍ୱ ଦେଇଛନ୍ତି। ତେବେ ଏହାକୁ ପରିଚାଳନା କରୁଥିବା ଏସ୍‌ଇଏମ୍ ଓ ପମ୍ପ ଡ୍ରାଇଭରଙ୍କୁ ମାସିକ ମାତ୍ର ୨୦୦୦ ଟଙ୍କା ଅନୁଦାନ ମିଳୁଛି। ଏହି ଟଙ୍କାରେ ପରିବାରର ପ୍ରତିପୋଷଣ ଅସମ୍ଭବ। ଗ୍ରାମ୍ୟ ଜଳ ଯୋଗାଣ ବିଭାଗରେ ସ୍ଥାୟୀ ଚାକିରି, କାର୍ଯ୍ୟରତ ସମୟରେ ମୃତ୍ୟୁବରଣ କଲେ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଆଦି ୮ଟି ଦଫାରେ ମହାସଂଘ ଗତ ୬୫ ଦିନ ହେବ ଭୁବନେଶ୍ୱରରେ ଗଣଧାରଣାରେ ଅଛନ୍ତି। ଦାବି ପୂରଣ ନ ହେଲେ ଆଗାମୀଦିନରେ କାର୍ଯ୍ୟବନ୍ଦ ଆନ୍ଦୋଳନ ହେବ। ଫଳରେ ପାନୀୟ ଜଳ ଯୋଗାଣ ବନ୍ଦ ହେବ ବୋଲି ସେ ମତ ଦେଇଛନ୍ତି। ସଂଘର କର୍ମକର୍ତ୍ତାଙ୍କ ନେତୃତ୍ୱରେ ସହର ମଧ୍ୟରେ ଏକ ରାଲି ହୋଇଥିଲା।

# ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସକୁ ସୌମେନ୍ଦ୍ରଙ୍କ ସନ୍ଦର୍ଭ ମନୋନୀତ


ଅତିଥିମାନଙ୍କ ପାଖରୁ ସୌମେନ୍ଦ୍ର ନାଏକ ପୁରସ୍କାର ଗ୍ରହଣ କରୁଛନ୍ତି।

**ଜଗତ୍‌ସିଂହପୁର ଅଫିସ, ୨୯।୧୧**

ଜଗତ୍‌ସିଂହପୁର ଆଲିପିଙ୍ଗଳ ଉଚ୍ଚ ବିଦ୍ୟାଳୟର ଛାତ୍ର ସୌମେନ୍ଦ୍ର ନାଏକଙ୍କ ପରିବେଶ ପ୍ରଦୂଷଣ ସନ୍ଦର୍ଭ ଜାତୀୟସ୍ତରକୁ ମନୋନୀତ ହୋଇଛି। ଗାଁ ବଜାରର ଜଳଖିଆ ଦୋକାନଗୁଡିକରେ ବ୍ୟବହୃତ ଫୋମ୍ ପ୍ଲେଟ୍ ଦ୍ୱାରା ଉପୁଜୁଥିବା ପରିବେଶ ପ୍ରଦୂଷଣ ଓ ଏହାର ହ୍ରାସର ଉପାୟ ସମ୍ପର୍କିତ ସନ୍ଦର୍ଭ ସେ ରାଜ୍ୟସ୍ତରୀୟ ଶିଶୁ ବିଜ୍ଞାନ କଂଗ୍ରେସ ୨୦୨୧ରେ ଉପସ୍ଥାପନ କରିଥିଲେ। ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଗତ ୨୭ ଓ ୨୮ରେ ଭୁବନେଶ୍ୱରସ୍ଥିତ ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାଶନାଲ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଛାତ୍ରୀଛାତ୍ରମାନେ ଏଥିରେ ଭାଗନେଇଥିଲେ । ଜଗତ୍‌ସିଂହପୁର ଜିଲାରୁ ୪ ଜଣ ଏଥିରେ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ଉମାକାନ୍ତ ନାୟକଙ୍କ ପରାମର୍ଶକ୍ରମେ ସୌମେନ୍ଦ୍ର ତାଙ୍କ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ତାଙ୍କ ଏହି ସଫଳତା ପାଇଁ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପରେଶଚନ୍ଦ୍ର ପାତ୍ର ଓ ରାଜ୍ୟଶ୍ରୀ ସାହୁ ପ୍ରମୁଖ ସୌମେନ୍ଦ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଧର୍ମଶାଳା କଂଗ୍ରେସର ଜନଜାଗରଣ ସମାବେଶ

**ଧର୍ମଶାଳା,୨୯।୧୧,(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ କଂଗ୍ରେସ ପକ୍ଷରୁ ଜନଜାଗରଣ ସମାବେଶ ସୋମବାର ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଜାରକା ଗୋପବନ୍ଧୁ ଛକ ଠାରୁ ଏକ ଶୋଭାଯାତ୍ରାରେ ବାହାରି କାଏମାସ୍ଥିତ ଗାନ୍ଧୀଛକରେ ପହଞ୍ଚି ଥିଲା । ଏଠାରେ ଅନୁଷ୍ଠିତ ସମାବେଶରେ ବ୍ଲକ କଂଗ୍ରେସ କମିଟି ସଭାପତି କିଶାନ ପଣ୍ଡା ସଭାପତିତ୍ୱ କରିଥିଲେ । ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡା, ରାଜ୍ୟ କଂଗ୍ରେସ ମୁଖପାତ୍ର ପଦ୍ମାକର ଗୁରୁ, ଜିଲାକଂଗ୍ରେସ ସଭାପତି ମନୋଜ କୁମାର ରାଉତ ପ୍ରମୁଖ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନମାରଣନୀତି ବିରୋଧରେ ଉଦ୍‌ବୋଧନ ଦେଇଥିଲେ । ରାଜ୍ୟରେ ନାରୀ ନିର୍ଯାତନା, ତୈଳ, ଗ୍ୟାସ୍ ଓ ଅତ୍ୟାବଶ୍ୟକୀୟ ସାମଗ୍ରୀର ଅହେତୁକ ଦର ବୃଦ୍ଧିକୁ ସମାଲୋଚନା କରିବା ସହ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରିବାକୁ ବକ୍ତାମାନେ ଦାବି କରିଥିଲେ। ଏହି ଜନଜାଗରଣ ସମାବେଶରେ କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ରାୟ, କୃଷକ ନେତା ବସନ୍ତ ପରିଡା, ଜୋନ୍ ସଭାପତି ସୁବୋଧ ସାମଲ, ରବି ନାୟକ, ଗଙ୍ଗାଧର ମଲିକ, ନରୋତ୍ତମ ନାୟକ, ନକୁଳ ଜେନା,ଉଗ୍ରସେନ ମହାନ୍ତି,କାର୍ତ୍ତିକ ସାହୁ, ନିତ୍ୟାନନ୍ଦ ଦାସ, ନୀଳମଣି ସ୍ୱାଇଁ, ନିତ୍ୟାନନ୍ଦ ବିଶ୍ୱାଳ ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇଥିଲେ।


ଜନ ଜାଗରଣ ସମାବେଶରେ ମଞ୍ଚାସୀନ ଅତିଥି ।

## ଗ୍ରାହକଙ୍କୁ ଆକ୍ରମଣ, ପାନ ଦୋକାନୀ ଗିରଫ

**ଦଶରଥପୁର,୨୯।୧୧(ଡି.ଏନ.ଏ.)**

ମଙ୍ଗଳପୁର ବଜାର ଦିହୁଡିସାହି ଛକରେ ଥିବା ଏକ ପାନ ଦୋକାନୀ ରିଙ୍କୁରଞ୍ଜନ ସାମଲଙ୍କୁ ପୋଲିସ ଗିରଫ କରିଛି । ଗ୍ରାହକ ପଞ୍ଚାନନ ଦାସଙ୍କୁ ଆକ୍ରମଣ କରିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି । ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୭୧/୨୧)ରୁଜୁ ହୋଇଛି। ରବିବାର ବିଳମ୍ବିତ ରାତିରେ ପଞ୍ଚାନନ ବାକି ମାଗିବାକୁ କେନ୍ଦ୍ରକରି ରିଙ୍କୁଙ୍କ ସହିତ ତାଙ୍କର ଠେଲାପେଲା ହୋଇଥିଲା। ରିଙ୍କୁ ଉତ୍ତକ୍ଷିପ୍ତ ହୋଇ ପଞ୍ଚାନନଙ୍କୁ ଆକ୍ରମଣ କରିଥିବାନେଇ ମଙ୍ଗଳପୁର ଥାନାରେ ଅଭିଯୋଗ ହୋଇଥିଲା। ଅନ୍ୟପକ୍ଷେ ସେହି ଛକରେ ପାନ ଦୋକାନ କରିଥିବା ରାଜେନ୍ଦ୍ର ଦାସ (କାଳିଆ)ଙ୍କୁ ପୋଲିସ ଗିରଫ କରିଛି । ସେ ସେଠାରେ ଚୋରା ମଦ ବ୍ୟବସାୟ କରୁଥିଲେ । ଫଳରେ ଅସାମାଜିକ ଯୁବକମାନେ ଅଧିକାଂଶ ସମୟରେ ସେହି ଛକରେ ଗଣ୍ଡଗୋଳ କରୁଥିଲେ। ସୋମବାର ପୋଲିସ କାଳିଆ ପାନ ଦୋକାନ ଉପରେ ଚଢାଉ କରି ଚୋରା ମଦ ଜବତ କରିଛି । ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୭୨/୨୧)ରୁଜୁ ହୋଇଛି।

## ପ୍ରାଣକୃଷ୍ଣ ବେହେରାଙ୍କୁ ଶ୍ରଦ୍ଧାଞ୍ଜଳି

**ଧର୍ମଶାଳା,୨୯।୧୧,(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଚୋରମୁହାଁ ଗ୍ରାମର ସାମାଜିକ କର୍ମୀ ପ୍ରାଣକୃଷ୍ଣ ବେହେରାଙ୍କ ଏକଦଶାହ ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭା ରବିବାର ସନ୍ଧ୍ୟାରେ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ,ପୂର୍ବତନ ବିଧାୟକ ଆକାଶ ଦାସନାୟକ, ବିଜେଡି ବ୍ଲକ ସଭାପତି ଜଳଧର ମହାନ୍ତି, ବିଧାୟକଙ୍କ ପ୍ରତିନିଧି ନିର୍ମଳ ପ୍ରଧାନ, ସୁଦୀପ୍ତ ସ୍ୱାଇଁ, ଅଧ୍ୟାପକ ରାଧାଶ୍ୟାମ ସାହୁ,ବିପିନ ବିହାରୀ ନାୟକ, ଯୁବ ସଙ୍ଗଠକ ମଦନ ନାୟକ, ନୀଳମାଧବ ସାମଲ ପ୍ରମୁଖ ଯୋଗଦେଇ ଥିଲେ।

**ସଂକ୍ଷେପରେ**

## ଲୁଟ ଅଭିଯୋଗରେ ୪ ଜେଲ ଗଲେ



**ନୟାଗଡ ଅଫିସ,୨୯।୧୧:** ଇଟାମାଟି ଥାନା ରାଜପଥରୁ ଲୁଟ କରୁଥିବା ଅଭିଯୋଗରେ ୪ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ନୟାଗଡ଼ ଟାଉନ ଥାନା ଦୁର୍ଗାପ୍ରସାଦ ମୁଣ୍ଡିଆସାହିର ମୁନା ପ୍ରଧାନ(୨୪) ଓ ବିଜୟ କୁମାର ପ୍ରଧାନ(୨୩), ସିନ୍ଦୁରିଆ ଜଗନ୍ନାଥସାହିର ରାଜକୁମାର ନାୟକ(୨୯) ଓ ନିଳ ନାୟକ(୧୯)ଙ୍କୁ ନୟାଗଡ଼ ସବ୍ ଜେଲକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଙ୍କଠାରୁ ୧ ବାଇକ୍, ୨ ମୋବାଇଲ ଜବତ କରାଯାଇଛି। ମଳିଥିବା ସୂଚନା ଅନୁସାରେ, ୪ ଅଭିଯୁକ୍ତ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥରେ ଲୁଟ୍ କରି ଆସୁଥିଲେ। ଏହି ଅଭିଯୁକ୍ତଙ୍କ ନାଁରେ ନଂ. ୧୭୮/୨୧, ୧୮୮/୨୧ରେ ମାମଲା ରହିଛି ବୋଲି ଥାନା ଅଧିକାରୀ ରମେଶ ଦେବତା ସୂଚନା ଦେଇଛନ୍ତି।

## ବନ୍ଦ ଘରୁ ଚୋରି

**ଭଞ୍ଜନଗର,୨୯।୧୧(ଡି.ଏନ.ଏ):** ଭଞ୍ଜନଗର ଥାନା ଅନ୍ତର୍ଗତ ଖମାରେଡ଼ି ଗ୍ରାମର ମନୋରଞ୍ଜନ ସାମଲଙ୍କ ଘରୁ ରବିବାର ରାତିରେ ଚୋରି ହୋଇଛି। ଏ ନେଇ ମନୋରଞ୍ଜନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି । ମନୋରଞ୍ଜନ କିଛିଦିନ ପୂର୍ବେ କୌଣସି କାମରେ ବାହାରକୁ ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ସିଡ଼ି କବାଟ ଭାଙ୍ଗି ଘରୁ ପୋଷାକପତ୍ର, ବାସନ ସବୁ ଲୁଟି ନେଇଥିଲେ। ଏହାପୂର୍ବରୁ ଗ୍ରାମର ଆଉ ଜଣକ ଘରୁ ମଧ ଚୋରି ହୋଇଥିଲା। ଗତ କିଛିମାସ ହେଲା ଭଞ୍ଜନଗର ଥାନା ଅଞ୍ଚଳରେ ଚୋରି ବଢ଼ିବାରେ ଲାଗିଛି ।

## ୧୦୨ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

**ଫୁଲବାଣୀ ଅଫିସ, ୨୯।୧୧:** ଫିରିଙ୍ଗିଆ ଥାନା ପୋଲିସ ଫିରିଙ୍ଗିଆ ପଞ୍ଚାୟତ ମୁଣ୍ଡାସାହି ନିକଟରେ ଚଢ଼ାଉ କରି ୧୦୨ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ଜଣେ ଯୁବକଙ୍କୁ ଗିରଫ କରାଯାଇଛି । ସେ ହେଲେ କଟାପଙ୍ଗା ଗ୍ରାମର ସୀମାଞ୍ଚଳ ଥାଟି । ଭୁବନେଶ୍ୱରକୁ ଗଞ୍ଜେଇ ଚାଲାଣ ପାଇଁ ପ୍ରସ୍ତୁତି ଚାଲିଥିବା ପୋଲିସକୁ ଖବର ମିଳିବା ପରେ ଚଢ଼ାଉ ହୋଇଥିଲା। ଏ ନେଇ ଥାନାରେ ନଂ.୧୫୮/୨୧ ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ପି.ଶ୍ୟାମସୁନ୍ଦର ରାଓ କହିଛନ୍ତି।

## ଘରକୁ ଘର ବୁଲି ଟିକା ଦେଲେ ସ୍ୱାସ୍ଥ୍ୟକର୍ମୀ

**ଜି.ଉଦୟଗିରି,୨୯।୧୧(ଡି.ଏନ.ଏ.):** ପୁଣି ଥରେ ନୂଆ ରୂପରେ ଆସୁଛି ମହାମାରୀ କରୋନା। ଏହାକୁ ନେଇ ଭୟଭୀତ ସମସ୍ତେ। କରୋନା କଟକଣା ନିୟମ କଡାକଡି ପାଳନ କରିବା ସହିତ ଟିକା ଆଦୌ ନେଇ ନ ଥିବା ଲୋକେ ଶୀଘ୍ର ନେବା, ପ୍ରଥମ ଡୋଜ୍ ନେଇଥିବା ଲୋକେ ଦ୍ୱିତୀୟ ଡୋଜ୍ ସମୟ ଅନୁସାରେ ନେବା ଗୁରୁତ୍ୱପୂର୍ଣ୍ଣ ହୋଇପଡିଛି। ଏହାକୁ ଗୁରୁତ୍ୱ ଦେଇ ଏବେ ଘର ଘର ବୁଲି ସଚେତନ କରିବା ସହିତ ଟିକାକରଣ କରୁଛନ୍ତି ସ୍ୱାସ୍ଥ୍ୟକର୍ମୀ। ସୋମବାର ବଡସାହି, କଚେରିସାହି ସହିତ କନ୍ଧସାହିରେ ଟିକାକରଣ କରାଯାଇଛି। ସ୍ୱାସ୍ଥ୍ୟକର୍ମୀ ନେତ୍ରମଣି ପ୍ରଧାନ, ଅଙ୍କିତା ପଟ୍ଟନାୟକ, ସ୍ମୃତି ପ୍ରଧାନଙ୍କ ସହିତ ଅଙ୍ଗନୱାଡି କର୍ମୀ ସସ୍ମିତା ନାୟକ ଓ ଶୁଭଶ୍ରୀ ଦଳବେହେରା ପ୍ରମୁଖ ଟିକାକରଣ କରିଥିଲେ।

## ବାଲି ଚୋରାଚାଲାଣ, ୫ ଗାଡ଼ି ଜବତ

**ଛତ୍ରପୁର,୨୯।୧୧(ଡି.ଏନ.ଏ.):** ଛତ୍ରପୁର ତହସିଲ ପକ୍ଷରୁ ସୋମବାର ବାଲି ଓ ମୋରମ ଚୋରାଚାଲାଣ କରୁଥିବା ଗାଡ଼ି ଜବତ କରାଯାଇଛି। ଏଥିସହ ପ୍ରାୟ ୯୫ ହଜାର ଟଙ୍କା ରାଜସ୍ୱ ଆଦାୟ ହୋଇଛି। ତହସିଲଦାର ପ୍ରକାଶ କୁମାର ମିଶ୍ର ଓ ଅତିରିକ୍ତ ତହସିଲଦାର ଜସ୍ମିନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା। ବେଆଇନ ବାଲି ଚୋରାଚାଲାଣ କରୁଥିବା ୩ଟି ଟ୍ରକଠାରୁ ୭୫ ହଜାର ଟଙ୍କା ଆଦାୟ କରାଯାଇଥିବା ବେଳେ ସୁନ୍ଦରପୁର ଅଞ୍ଚଳରୁ ଦୁଇ ଟ୍ରାକ୍ଟରକୁ ଜବତ କରି ୨୦ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ଅତିରିକ୍ତ ତହସିଲଦାର ସୂଚନା ଦେଇଛନ୍ତି ।

# କାର୍ଯ୍ୟଦିବସରେ ଚୌକି ଖାଲି : ଫ୍ୟାନ୍ ବୁଲୁଛି



ନୟାଗଡ଼ ଶ୍ରମ କାର୍ଯ୍ୟାଳୟରେ ଅପେକ୍ଷାରତ ହିତାଧିକାରୀ।

**ନୟାଗଡ଼ ଅଫିସ,୨୯।୧୧**

- ଛୁଟିରେ ଡିଏଲ୍ଓ, ଏଏଲଓ
- ପ୍ରଭାଗୀୟ ଶ୍ରମ ଆୟୁକ୍ତ ଅନୁପସ୍ଥିତ
- ଅଫିସର ନ ଥିବାରୁ ଫେରିଲେ ହିତାଧିକାରୀ

ନୟାଗଡ଼ ଜିଲା ସଦର ମହକୁମାସ୍ଥିତ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ଅବ୍ୟବସ୍ଥାରେ ଚାଲିଛି। ଏଠାରେ ତାଙ୍କୁ ମାସରେ ୨ଦିନ ଦେଖିବାକୁ ମିଳୁଛି। ଏଭଳିସ୍ଥଳେ ସୋମବାର ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ଜିଲା ଶ୍ରମ ଅଧିକାରୀ (ଡିଏଲଓ), ସହକାରୀ ଶ୍ରମ ଅଧିକାରୀ (ଏଏଲଓ) ଓ ପ୍ରଭାଗୀୟ ଶ୍ରମ ଆୟୁକ୍ତ ଅନୁପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ପୁଣି ଲେବର ଇନ୍ସପେକ୍ଟର ୨ଜଣ ରହିଥିଲେ ହେଁ ସେମାନଙ୍କୁ ଅଧିକାଂଶ ସମୟ ଦେଖିବାକୁ ମିଳୁନାହିଁ। ସୋମବାର କାର୍ଯ୍ୟ ଦିବସରେ ଅଫିସର ଛୁଟିରେ ରହୁଥିବାରୁ ଅଫିସ ଅନ୍ଧକାର ରହିଥିଲା। ତେବେ କାର୍ଯ୍ୟାଳୟରେ ଫ୍ୟାନ ଘୂରି ବୁଲୁଥିଲା। କେତେଜଣ କିରାଣି ଓ ଡାଟା ଏଣ୍ଟ୍ରି ଅପରେଟର ଏପଟସେପଟ ହୋଇ ଅଫିସର ନାହାନ୍ତି, ପରେ ଆସନ୍ତୁ ବୋଲି କହିଥିଲେ। ଫଳରେ ବହୁ ହିତାଧିକାରୀ ଅଫିସରଙ୍କୁ ଅପେକ୍ଷା କରି ଫେରି ଯାଇଥିଲେ।

ନୟାଗଡ଼ ଜିଲାରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ପଦବୀ ୨୦୧୮ରୁ ଖାଲି ପଡିଛି। ନୟାଗଡ଼ ପାଇଁ ଏବେ ଅତିରିକ୍ତ ଭାବେ ପୁରୀ ପ୍ରଭାଗୀୟ ଶ୍ରମ ଆୟୁକ୍ତ ଦାୟିତ୍ୱରେ ଅଛନ୍ତି। ଜଣେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ଦୁଇ ଜିଲାର ଦାୟିତ୍ୱରେ ଥିବାରୁ ନୟାଗଡ଼ ଜିଲାରେ ଶ୍ରମିକମାନେ ଉପକୃତ ହୋଇ ପାରୁ ନାହାନ୍ତି। ଏଭଳିସ୍ଥଳେ ବିବାହ, ଶିକ୍ଷା, କୋଭିଡ଼ର ଦେଢ଼ ହଜାର ଟଙ୍କା ସହାୟତା ରାଶି ପାଇବାକୁ ଶତାଧିକ ଆବେଦନକାରୀ ସୋମବାର ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟକୁ ଆସି ଫେରି ଯାଇଛନ୍ତି।। ଅନ୍ୟପକ୍ଷେ କେତେଜଣ ହିତାଧିକାରୀ ଅଭିଯୋଗ କରିଥିଲେ, ବିବାହ ସହାୟତା ରାଶି ୪ ବର୍ଷ ହେଲା ପାଇନୁ। ବାରମ୍ବାର ଅଫିସକୁ ଦୌଡିଲେ ମଧ ସୁଫଳ ମିଳୁନି। ମୃତ୍ୟୁକାଳୀନ ସହାୟତା ରାଶି ସରକାରଙ୍କ ଆଇନ କହୁଛି ୨ ମାସ ଭିତରେ ଦିଆଯାଉ। ହେଲେ ୩ ବର୍ଷ ହେଲା ସହାୟତା ରାଶି ଦିଆଯାଉନି। ଅନ୍ୟପକ୍ଷେ ମୃତ୍ୟୁକାଳୀନ ସହାୟତା ତୁରନ୍ତ ନ କରି ଲିଗାଲ ହେୟାର ସାର୍ଟିଫିକେଟ ଦେବାକୁ କହି ସମୟ ଗଡାଯାଉଛି। ମୃତ୍ୟୁକାଳୀନ ସହାୟତା ରାଶି ପାଇଁ କେବଳ ନୋମିନ ପାଇବାକୁ ହକଦାର। ଲିଗାଲ ହେୟାର ସାର୍ଟିଫିକେଟ ଆଣିବାକୁ କହି ସମୟ ଗଡାଇବା ଅସନ୍ତୋଷର କାରଣ ପାଲଟିଛି। ବିବାହ ପଞ୍ଜୀକରଣ ପ୍ରମାଣପତ୍ରରେ ମଧ ହଇରାଣ କରାଯାଉଛି। ପୁଅ ଓ ଝିଅ କାହିଁକି ଭିନ୍ନ ଭିନ୍ନ ବ୍ଲକରେ ବିବାହ କରୁଛନ୍ତି ସେନେଇ ପ୍ରଶ୍ନ ଉଠାଇ ସହାୟତା ରାଶି ଦିଆଯାଉନାହିଁ। ଗୋଟିଏ ବ୍ଲକର ପୁଅ ଅନ୍ୟ ବ୍ଲକର ଝିଅ ସହ ବିବାହ କରିବାରେ ଅସୁବିଧା ନାହିଁ। ତେବେ ଏଠାରେ ନୂଆ ନିୟମ ବିବାହ ସହାୟତା ରାଶି ପାଇବାରେ ପ୍ରତିବନ୍ଧକ ସୃଷ୍ଟି କରିଛି। ୨୦୧୬ରୁ ଶିକ୍ଷା ସହାୟତା ରାଶିକୁ ବିଭିନ୍ନ ଆଳ ଦେଖାଇ ଦିଆଯାଉ ନ ଥିବା ଅଭିଯୋଗ ହୋଇଆସୁଛି। ଏବେ କିଛିଦିନ ହେଲା କହୁଛନ୍ତି ୨୦୧୯ ପୂର୍ବର ଶିକ୍ଷା ସହାୟତା ରାଶି ଆଉ ଦେଇ ହେବନି। କମ୍ପ୍ୟୁଟର ରିସିଭ କରୁ ନ ଥିବାରୁ ସମସ୍ୟା ହେଉଛି ବୋଲି ଦର୍ଶାଉଛନ୍ତି। ଏ ନେଇ ଶ୍ରମିକ ନେତା ଶ୍ରୀକାନ୍ତ ପଟ୍ଟନାୟକ ଓ ବାସୁଦେବ ମହାନ୍ତି କୁହନ୍ତି, ଜିଲା ଶ୍ରମ ଅଧିକାରୀ ବହୁ ଦିନ ହେଲା ଛୁଟିରେ ଅଛନ୍ତି। ସହକାରୀ ଶ୍ରମ ଅଧିକାରୀଙ୍କୁ ଦାୟିତ୍ୱ ଦେଇ ନ ଥିବାରୁ ଅଫିସରେ କାର୍ଯ୍ୟ ଠିକ୍ ଭାବେ ଚାଲୁନାହିଁ। ଏ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀ ପାରମିତା ମିଶ୍ରଙ୍କୁ ପଚାରିବାରେ ଟାଇଫଏଡ ଜ୍ୱର କାରଣରୁ ଗତ ୨୨ ତାରିଖରୁ ଛୁଟିରେ ଅଛି। ଛୁଟି ନେଇ ଜିଲାପାଳଙ୍କୁ ଅବଗତ କରାଇଛି ବୋଲି ସେ କହିଥିଲେ। ପ୍ରଭାଗୀୟ ଶ୍ରମ ଆୟୁକ୍ତ ଶିବ ନାରାୟଣ ମିଶ୍ରଙ୍କୁ ପଚାରିବାରେ ପୁରୀ ସହ ଅତିରିକ୍ତ ଦାୟିତ୍ୱ ନୟାଗଡ଼ ଦିଆଯାଇଥିବାରୁ ଦୁଇ ଦାୟିତ୍ୱ ବୁଝିବା କଷ୍ଟକର ହୋଇପଡୁଛି। ଏଣୁ ମଝିରେ ମଝିରେ ନୟାଗଡ଼ ଯିବାକୁ ପଡୁଛି ବୋଲି ସେ କହିଥିଲେ।

## ପର୍ଯ୍ୟଟକଙ୍କୁ ମିଳିବ ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ

**ଫୁଲବାଣୀ ଅଫିସ, ୨୯।୧୧**

କନ୍ଧମାଳ ଜିଲା ରାଇକିଆ ବ୍ଲକ କିଲାକିଆ ଗ୍ରାମରେ ମା' ଭବାନୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ମିଲେଟ ଶକ୍ତି ନାମକ ଏକ ସ୍ୱତନ୍ତ୍ର ଖାଦ୍ୟ ଷ୍ଟଲ ଖୋଲାଯାଇଛି । ଜିଲା କୃଷି ଅଧିକାରୀ ପ୍ରଶାନ୍ତ ଶତପଥୀ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଷ୍ଟଲ ମାଧ୍ୟମରେ ମଣ୍ଡାସୁର ପର୍ଯ୍ୟଟନ ସ୍ଥଳକୁ ଆସୁଥିବା ପର୍ଯ୍ୟଟକମାନେ ବିଭିନ୍ନ ପ୍ରକାର ମାଣ୍ଡିଆରୁ ପ୍ରସ୍ତୁତ ସୁସ୍ୱାଦୁ ଖାଦ୍ୟ ପାଇପାରିବେ। ଅନ୍ୟପକ୍ଷରେ ସ୍ୱୟଂ ସହାୟକ ଗୋଷ୍ଠୀ ବ୍ୟବସାୟିକ କ୍ଷେତ୍ରରେ ସଫଳ ହୋଇପାରିବେ । ମାଣ୍ଡିଆରୁ ପ୍ରାୟ ୨୦ରୁ ୨୫ ପ୍ରକାର ଖାଦ୍ୟ ପ୍ରସ୍ତୁତି କୌଶଳ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଦ୍ୱାରା ପ୍ରଶିକ୍ଷଣ ଦିଆଯାଇଥିଲା। ଆଗାମୀ ଦିନରେ ଏଭଳି ୫ଟି ଷ୍ଟଲ ରାଇକିଆ ବ୍ଲକର ବିଭିନ୍ନ ଜାଗାରେ ଖୋଲାଯିବାକୁ ଯୋଜନା ରହିଛି ବୋଲି ସ୍ୱାତୀ ପ୍ରକଳ୍ପ ସଂଯୋଜକ ଗିରିଶ ଚନ୍ଦ୍ର ସାମଲ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅନୀଲ କୁମାର ପ୍ରହରାଜ, ରାଇକିଆ କୃଷି ଅଧିକାରୀ ସୁଦିପ୍ତା ପ୍ରଧାନ, ଗୁମାମାହା ସରପଞ୍ଚ ବିସିକେସ ପ୍ରଧାନ, ଯଶୋବନ୍ତ ବଳିଆରସିଂ ପ୍ରମୁଖ ଯୋଗ ଦେଇଥିଲେ । ସଞ୍ଜୟ ରଣା, ଶିଶିର ଦାସ, ଗୁପ୍ତେଶ୍ୱର ବଡସେଠ୍, ଡେଭିଡ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ବଧୂହତ୍ୟା ଅଭିଯୋଗରେ ଶାଶୁ, ଶ୍ୱଶୁର, ୨ ଦେଢ଼ଶାଶୁ ଗଲେ ଜେଲ

**ଦିଗପହଣ୍ଡି,୨୯।୧୧(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ଭ୍ରମରପୁର ଗ୍ରାମର ଏନ୍. ଗୌରୀଙ୍କ ସ୍ତ୍ରୀ ଏନ୍. ମାମିଙ୍କର ଅଗଷ୍ଟ ୨୯ ରାତିରେ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଥିଲା। ସ୍ୱାମୀ ଓ ଶ୍ୱଶୁର ଘର ଲୋକେ ତାଙ୍କୁ ଯୌତୁକ ନିର୍ଯାତନା ଦେବା ସହ ହତ୍ୟା କରିଥିବା ନେଇ ମାମିଙ୍କ ମା'କେ. ସାମନ୍ତି କେ.ନୂଆଗାଁ ଥାନାରେ ଏତଲା ଦେଇଥିଲେ। ପୋଲିସ ମାମଲା ନଂ.୧୬୮/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇ ଥିଲା। ସୋମବାର ଭ୍ରମରପୁର ଗ୍ରାମ ବାଘମରା ସାହିର ମାମିଙ୍କ ଶାଶୁ ଏନ୍. ତୁଳସୀ, ଶ୍ୱଶୁର ଏନ୍.ସାକିଲି, ବଡ଼ ଦେଢ଼ଶାଶୁ ଏ. ଲକ୍ଷ୍ମୀ ଏବଂ ମୁଣ୍ଡପୋତା ଗ୍ରାମର ସାନ ଦେଢ଼ଶାଶୁ କସ୍ତୁରୀ କନ୍ୟାରିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ନାମଞ୍ଜୁର ହେବାରୁ ସମସ୍ତ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍ ଜେଲ ହାଜତକୁ ପଠାଇ ଦିଆଯାଇଛି। ଭ୍ରମରପୁର ଗାଁ ବାଘମରା ସାହିର କେ. ସାମନ୍ତିଙ୍କ କନ୍ୟା ମାମି ପ୍ରାୟ ୬ ବର୍ଷ ପୂର୍ବେ ଭ୍ରମରପୁର ଗ୍ରାମ ମଠସାହିର ଏନ୍. ଗୌରୀଙ୍କୁ ବିବାହ କରିଥିଲେ। ଶନିବାର ରାତିରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଯୌତୁକ ଜନିତ କଳହକୁ କେନ୍ଦ୍ରକରି ମାରପିଟ ହୋଇଥିଲା। ମାନସିକ ଭାରସାମ୍ୟ ହରାଇ ମାମି ଘଟଣା ଦିନ ରାତି ପ୍ରାୟ ସାଢ଼େ ୯ ଟାରେ ଘରେ ଥିବା ଚାଉଳ ପୋକମରା ବିଷାକ୍ତ ଦ୍ରବ୍ୟ ଖାଇ ଦେଇଥିଲେ। ତାଙ୍କୁ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ମାମଲାରେ ପୋଲିସ ପୂର୍ବରୁ ମାମିଙ୍କ ସ୍ୱାମୀ ଏନ୍. ଗୌରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ପେନ୍‌ସନ ଦାବି ଜୋର ଧରିଲା

**ନୟାଗଡ ଅଫିସ,୨୯।୧୧**

- ଏକ୍ସ କ୍ୟାଡର ଶିକ୍ଷକଙ୍କ ୮ ଦଫା ଦାବି
- ବିଧାୟକଙ୍କୁ ଭେଟି ସ୍ମାରକପତ୍ର

ପେନସନ ଦାବି ସହ ୮ ଦଫା ଦାବି ନେଇ ନୟାଗଡ଼ ଜିଲାର ଲେବୁଲ ଭି ଏକ୍ସ କ୍ୟାଡର ଟିଚର ଆସୋସିଏଶନ ପକ୍ଷରୁ ବିଧାୟକମାନଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଅଭିଯୋଗ ଅନୁସାରେ, ରାଜ୍ୟରେ ୨୦୦୧ ପୂର୍ବରୁ ନନ୍ ଫର୍ମାଲ ଶିକ୍ଷୟତ୍ରୀଶିକ୍ଷକମାନେ ଦୀର୍ଘ ୩୦ ବର୍ଷ ହେଲା ଇଜିଏସ୍, ଗଣଶିକ୍ଷକ, ଲେବୁଲ ଭି ଏକ୍ସ କ୍ୟାଡର ଟିଚର ଭାବେ କାର୍ଯ୍ୟ କରି ଆସୁଛନ୍ତି। ତେବେ ଏହି ବର୍ଗର ଶିକ୍ଷକମାନଙ୍କୁ ସରକାର ପେନସନ କାଟିବା ଓ ଓଟିଇଟି ଲାଗୁ କରିବା ଠିକ୍ ନୁହେଁ ବୋଲି ଅଭିଯୋଗ ଉଠିଛି। ଏହି ବର୍ଗର ଶିକ୍ଷକମାନେ ୨୦୦୫ ପୂର୍ବରୁ ନିଯୁକ୍ତି ପାଇଥିବାରୁ ସେମାନଙ୍କ ପ୍ରତି ଅଣଦେଖା କରାଯାଇଥିବା କୁହାଯାଉଛି। ଅନ୍ୟପକ୍ଷେ ଲେବୁଲ ଭି ଏକ୍ସ କ୍ୟାଡର ଟିଚରମାନଙ୍କୁ ଟ୍ରେଜେରୀ ମାଧ୍ୟମରେ ଦରମା ପ୍ରଦାନ କରାଯାଉ। ସେହିପରି ବାର୍ଷିକ ଇନକ୍ରିମେଣ୍ଟ ସମସ୍ତଙ୍କୁ ପ୍ରଦାନ ସହ ଦୀର୍ଘଦିନର ଶିକ୍ଷାଦାନର ଅଭିଜ୍ଞତାକୁ ବିଚାର କରି ଲାଗୁ ହୋଇଥିବା ଓଟିଇଟିକୁ ପ୍ରତ୍ୟାହାର କରି ନିଆଯାଉ। କାର୍ଯ୍ୟରତ ଶିକ୍ଷୟତ୍ରୀଶିକ୍ଷକଙ୍କ ମୃତ୍ୟୁ ହେଲେ ସମସ୍ତ ସରକାରୀ ସୁବିଧା ସହ ପରିବାରର ଜଣକୁ ଚାକିରି ଦିଆଯାଉ। ସେହିଭଳି ନନ ଫର୍ମାଲ ଶିକ୍ଷା ବ୍ୟବସ୍ଥାରୁ ନିୟମିତ ହୋଇଥିବା ଶିକ୍ଷକମାନଙ୍କର ଅବସର ବୟସ ସୀମା ଆଉ ୨ ବର୍ଷ ବୃଦ୍ଧି କରାଯାଉ। ପୁଣି ନନ ଫର୍ମାଲ ଶିକ୍ଷା ବ୍ୟବସ୍ଥାରୁ ଗଣଶିକ୍ଷକରେ ଅଟକି ରହିଥିବା ପ୍ରାୟ ୪ ହଜାର ଶିକ୍ଷକଙ୍କୁ ନିୟମିତ କରିବାର ଦାବି ଉଠିଛି। ଏ ନେଇ ଆସୋସିଏଶନର ରାଜ୍ୟ ସଭାପତି ସୁଶାନ୍ତ କୁମାର ଜ୍ୟୋତିଷ ଓ କାର୍ଯ୍ୟକାରୀ ସଭାପତି କଣ୍ଠୁରୁ ଚରଣ ଜେନା କହିଛନ୍ତି, ସରକାର ଲେବୁଲ ଭି ଏକ୍ସ କ୍ୟାଡର ଟିଚରମାନଙ୍କର ଦାବିକୁ ଗୁରୁତର ସହ ନେଇ ପୂରଣ କରିବେ ବୋଲି ଅନୁରୋଧ କରାଯାଇଛି।

## ବାରବାଙ୍କ ସଂରକ୍ଷିତ ଜଙ୍ଗଲରୁ ଶାଗୁଆନ ଗଛ ଲୁଟ୍



ଶାଳ ଗଛକୁ ଦୁର୍ବୃତ୍ତମାନେ କଟି ଦେଇଛନ୍ତି।

**ଖଣ୍ଡପଡ଼ା,୨୯।୧୧(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ଯୋଗିଆପଲ୍ଲୀ ଗ୍ରାମ ନିକଟସ୍ଥ ବାରବାଙ୍କ ଖାସରା ସଂରକ୍ଷିତ ଜଙ୍ଗଲରୁ କାଠ ମାଫିଆମାନେ ନିୟମିତ ବ୍ୟବଧାନରେ ଗଜା ଶାଗୁଆନ ଗଛଗୁଡ଼ିକୁ କାଟି ଲୁଟି ନେଉଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଉକ୍ତ ଜଙ୍ଗଲରୁ ଶତାଧିକ ମୂଲ୍ୟବାନ ଶାଗୁଆନ ଗଛ ଲୁଟ ହୋଇଥିବା ନେଇ ଜଣାପଡିବା ପରେ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ବନ ବିଭାଗ କର୍ମଚାରୀଙ୍କୁ କାଠ ମାଫିଆମାନେ ହାତ କରି ଜଙ୍ଗଲରେ ଭୋଜିଭାତ କରିବା ସହ ଶାଗୁଆନ ଗଛଗୁଡିକୁ କାଟି ନେଉଥିବା ଅଭିଯୋଗ ଉଠିଛି। ପ୍ରକାଶ ଥାଉକି ବନ ବିଭାଗ ପକ୍ଷରୁ ଏକଦା ଉକ୍ତ ସଂରକ୍ଷିତ ଜଙ୍ଗଲରେ ବ୍ୟାପକ ଶାଗୁଆନ ଗଛ ରୋପଣ କରାଯାଇଥିଲା। ତେବେ ଶାଗୁଆନ ଗଛଗୁଡିକ ୨ରୁ ୩ ଫୁଟ ଗୋଲେଇର ହୋଇଥିବା ବେଳେ କାଠ ମାଫିଆଙ୍କର ଲୋଲୁପ ଦୃଷ୍ଟି ଏହା ଉପରେ ପଡିଛି। ଫଳରେ ସଂରକ୍ଷିତ ଜଙ୍ଗଲ ସମୟାନୁକ୍ରମେ ପଦା ହେବାରେ ଲାଗିଛି। ଏଥିପ୍ରତି ବନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

# ମିଶନ ଶକ୍ତି ଗୃହ ନିର୍ମାଣ ସ୍ଥାନ ସ୍ଥାନାନ୍ତରକୁ ବିରୋଧ



ଭାପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣାରେ ସାମିଲ ହୋଇଥିବା ହିତାଧିକାରୀ।

**ନୟାଗଡ଼ ଅଫିସ,୨୯।୧୧**

- ଭାପୁର ବ୍ଲକ ସମ୍ମୁଖରେ ଧାରଣା

ଭାପୁର ବ୍ଲକ ବାଉଁଶବାଟି ପଞ୍ଚାୟତରେ ମିଶନ ଶକ୍ତି ଗୃହ ସ୍ଥାନ ଚୟନ ପରେ ସ୍ଥାନାନ୍ତରକୁ ନେଇ ଅସନ୍ତୋଷ ସୃଷ୍ଟି ହୋଇଛି। ପ୍ରତିବାଦରେ ସ୍ଥାନୀୟ ଜନସାଧାରଣ ସୋମବାର ଭାପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପୂର୍ବାହ୍ନ ସାଢ଼େ ୧୧ଟାରେ ଧାରଣା ଦେଇଥିଲେ। ଆନ୍ଦୋଳନକାରୀମାନେ ସରପଞ୍ଚଙ୍କ ବିରୋଧରେ ନାରାବାଜି କରିଥିଲେ। ଘଟଣାସ୍ଥଳରେ ବିଡିଓ ଜନ୍ମେଜୟ ସାହୁ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ସଂଖ୍ୟାଧିକ ଲୋକଙ୍କ ମତକୁ ଗୁରୁତ୍ୱ ଦିଆଯିବ ବୋଲି କହିବା ପରେ ଅପରାହ୍ନ ସାଢେ ୨ଟାରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅନ୍ୟପକ୍ଷେ ବ୍ଲକରୁ ଧାରଣାରୁ ଉଠି ଆନ୍ଦୋଳନକାରୀ ସରପଞ୍ଚଙ୍କ ଘର ସମ୍ମୁଖରେ କିଛି ସମୟ ପାଇଁ ଧାରଣା ଦେଇଥିଲେ। ଅଭିଯୋଗ ଅନୁସାରେ ମିଶନ ଶକ୍ତି ଗୃହ ସ୍ଥାନ ନିରୂପଣ ପାଇଁ ବ୍ଲକର ସହକାରୀ ଯନ୍ତ୍ରୀ ଅସି ବାଉଁଶବାଟି ଲୋକଙ୍କ ସହ ଆଲୋଚନା କରିଥିଲେ। ତେବେ ଚିହ୍ନଟ ସ୍ଥାନରେ ମିଶନ ଶକ୍ତି ଗୃହ ନିର୍ମାଣ ବଦଳରେ ଅନ୍ୟ ସ୍ଥାନରେ ଗତ ୨୬ ତାରିଖରେ କାମ ଆରମ୍ଭ ହୋଇଥିଲା।

## ଅଚଳ ନଳକୂପ ପ୍ରତି କର୍ତ୍ତୃପକ୍ଷଙ୍କ ଦୃଷ୍ଟିପଡୁ

**ଖଣ୍ଡପଡ଼ା,୨୯।୧୧(ସ୍ୱ.ପ୍ର)**



ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଦୀର୍ଘମାସ ଧରି ନଳକୂପଟି ଅଚଳ ଅବସ୍ଥାରେ ପଡିରହିଛି। ଅଚଳ ନଳକୂପଟିର ମରାମତି ଦିଗରେ ପଞ୍ଚାୟତ କର୍ତ୍ତୃପକ୍ଷ ନତୁବା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କର୍ତ୍ତୃପକ୍ଷ ଆଦୌ ଧ୍ୟାନ ଦେଉ ନ ଥିବା ଅଭିଯୋଗ ହେଉଛି। ଫଳରେ ପାନୀୟ ଜଳ ସଂଗ୍ରହ ନିମନ୍ତେ ସ୍ଥାନୀୟ ବାସିନ୍ଦା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନଳକୂପଟିକୁ ମରାମତି କରି ପୁନଃ କାର୍ଯ୍ୟକ୍ଷମ କରିବା ନିମନ୍ତେ ଖଳିସାହି ପଞ୍ଚାୟତ ଓ ବ୍ଲକ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସ୍ଥାନୀୟ ଅଧିବାସୀ ଦାବି କରିଛନ୍ତି।

## ଆଜି ଘୋଡ଼ାହାଡ଼ ଡ୍ୟାମ୍‌ରୁ ଛଡ଼ାଯିବ ପାଣି

**ଦିଗପହଣ୍ଡି,୨୯।୧୧(ଡି.ଏନ.ଏ.)**

ସମ୍ଭାବ୍ୟ ବାତ୍ୟା ପରବର୍ତ୍ତୀ ବର୍ଷାକୁ ଦୃଷ୍ଟିରେ ରଖି ଦିଗପହଣ୍ଡି ବ୍ଲକ ଖମାରୀ ଗାଁ ନିକଟ ଘୋଡ଼ାହାଡ଼ ଡ୍ୟାମର ସୁରକ୍ଷା ଦୃଷ୍ଟିରୁ ପାଣି ଛଡ଼ାଯିବ। ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ, ମୁଖ୍ୟଯନ୍ତ୍ରୀ, ଗଞ୍ଜାମ ଜିଲାପାଳ ଏବଂ ଚିକିଟି ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ପରାମର୍ଶକ୍ରମେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଡ୍ୟାମରେ ମହଜୁଦ ଥିବା ଉଦ୍‌ବୃତ୍ତ ଜଳକୁ ଘୋଡ଼ାହାଡ଼ ନଦୀ ମଧ୍ୟକୁ ଛଡ଼ାଯିବ। ସ୍ଥାନୀୟ ଜଳସେଚନ ଉପଖଣ୍ଡ କାର୍ଯ୍ୟାଳୟର ଉପ ନିର୍ବାହୀ ଯନ୍ତ୍ରୀ ଏ. ଗୋପାଳ ରାଓ ଏହି ସୂଚନା ଦେଇଛନ୍ତି। ଏ ନେଇ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଡ୍ୟାମର ସର୍ବୋଚ୍ଚ ଜଳଧାରଣ କ୍ଷମତା ୧୧୭.୮୦ ମିଟର ଥିବା ବେଳେ ସୋମବାର ସକାଳ ସୁଦ୍ଧା ଜଳ ପତନ ୧୧୭.୬୫ ମିଟର ଥିବା ସେ କହିଛନ୍ତି। ଡ୍ୟାମ ଉପରମୁଣ୍ଡରେ ଥିବା ବିଭିନ୍ନ ଶାଖା ନଦୀଗୁଡିକରୁ ଘଣ୍ଟା ପ୍ରତି ୧୩ ହେକ୍ଟର ମିଟର ପାଣି ଡ୍ୟାମ ମଧ୍ୟକୁ ପ୍ରବେଶ କରୁଥିବାରୁ ଡ୍ୟାମରୁ ନଦୀ ମଧ୍ୟକୁ ପାଣି ଛଡ଼ାଯିବା ନେଇ ଘୋଡ଼ାହାଡ଼ ନଦୀ ତଟବର୍ତ୍ତୀ ଗାଁ ଗୁଡିକରେ ଜଳସମ୍ପଦ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ରାଜ୍ୟ ଜଳସମ୍ପଦ ବିଭାଗର ନିର୍ଦ୍ଦେଶକ୍ରମେ ଡ୍ୟାମରୁ ସ୍ଲୁଇସ୍ ଗେଟ୍ ଖୋଲା ଯାଇ ନଦୀକୁ ଜଳ ଛଡ଼ାଯିବ ବୋଲି ସହକାରୀ ଯନ୍ତ୍ରୀ ନିରଞ୍ଜନ ସାହୁ ଜଣାଇଛନ୍ତି।

# ଖଣ୍ଡପଡ଼ା-କଣ୍ଟିଲୋ ରାସ୍ତା ବିପଦସଙ୍କୁଳ

**ଖଣ୍ଡପଡ଼ା,୨୯।୧୧(ସ୍ୱ.ପ୍ର.)**



ନୟାଗଡ଼- କଣ୍ଟିଲୋ ରାସ୍ତାରେ ହୋଇଥିବା ଖାଲ।

ନୟାଗଡ଼ ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳ ଭାବେ ପରିଚିତ ଶ୍ରୀନୀଳମାଧବଙ୍କ କ୍ଷେତ୍ର କଣ୍ଟିଲୋକୁ ସଂଯୋଗ କରୁଥିବା ରାସ୍ତା ଏବେ ଖାଲଖମାରେ ଭର୍ତ୍ତି ହୋଇଛି। ଫଳରେ ଯାନବାହନ ଚଳାଚଳରେ ସମସ୍ୟା ସୃଷ୍ଟି ହେଉଛି। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଖଣ୍ଡପଡାରୁ କଣ୍ଟିଲୋକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ଆବଶ୍ୟକ ମରାମତି ଅଭାବରୁ ବିପଦ ସଙ୍କୁଳ ହୋଇପଡିଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ରାସ୍ତାର ମରାମତି ଦିଗରେ ଉଭୟ ବିଭାଗ କର୍ତ୍ତୃପକ୍ଷ ଧ୍ୟାନ ଦେଉ ନାହାନ୍ତି।

ସମ୍ପ୍ରତି ପର୍ଯ୍ୟଟନ ଋତୁ ଆରମ୍ଭ ହୋଇଯାଇ ଥିବାରୁ ପ୍ରତ୍ୟହ ରାଜ୍ୟ ତଥା ବାହାରୁ ଶତାଧିକ ସଂଖ୍ୟାରେ ପର୍ଯ୍ୟଟକଙ୍କଠାରୁ ଆରମ୍ଭ କରି ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ଶ୍ରୀନୀଳମାଧବ ଓ ସିଧାମୂଳାସ୍ଥିତ ଶ୍ରୀଗୋକୁଳାନନ୍ଦ ଜୀଉଙ୍କ ପୀଠକୁ ପରିଦର୍ଶନ ସହ ବଣଭୋଜି ଲକ୍ଷ୍ୟରେ ଆସୁଛନ୍ତି। ରାସ୍ତାର ଦୁରବସ୍ଥାକୁ ନେଇ ଯାନବାହନ ଚଳାଚଳରେ ସମସ୍ୟା ସୃଷ୍ଟି ହେଉଛି। ଉକ୍ତ ରାସ୍ତାର ଖଳିସାହି, ଚାଉପଲ୍ଲୀ ଗ୍ରାମ ନିକଟରେ ବିରାଟ ଖାଲ ସୃଷ୍ଟି ହୋଇଥିବାରୁ ସାମାନ୍ୟ ବର୍ଷା ହେଲେ ପାଣି ଜମି ରହି ପୂତି ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଏଥିପ୍ରତି ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀଙ୍କ ନଜର ନ ଥିବା ପରି ମନେହେଉଛି। ରାସ୍ତା ଉଭୟପାର୍ଶ୍ୱରେ ବର୍ଷା ଓ ନର୍ଦ୍ଦମା ଜଳ ନିଷ୍କାସନ ନିମନ୍ତେ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ଆବର୍ଜନା ପାଣି ରାସ୍ତା ସାରା ମାଡୁଛି। ସେହିପରି ଖଣ୍ଡପଡା-କଣ୍ଟିଲୋ ରାସ୍ତାର ଏକାଧିକ ସ୍ଥାନରେ ବେଆଇନ ଭାବେ ହମ୍ପସ ନିର୍ମାଣ କରାଯାଇଥିବାରୁ ଯାନବାହନ ଚଳାଚଳରେ ସମସ୍ୟା ସୃଷ୍ଟି ହେଉଛି। ପ୍ରକାଶ ଥାଉ କି ରାଜ୍ୟ ସରକାର ପର୍ଯ୍ୟଟନସ୍ଥଳଗୁଡିକର ସାମଗ୍ରୀକ ବିକାଶ ସହ ଏହାର ଚତୁଃପାର୍ଶ୍ୱରୁ ସଂଯୋଗ କରୁଥିବା ରାସ୍ତାର ଉନ୍ନତୀକରଣ ନିମନ୍ତେ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ହେଲେ ଦୀପତଳ ଅନ୍ଧାର ପରି ଏହି ରାସ୍ତାଟି ରାଜ୍ୟ ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି। ପୂର୍ତ୍ତ ବିଭାଗ ମୁଖ୍ୟଯନ୍ତ୍ରୀ, ନୟାଗଡ଼ ଜିଲାପାଳ, ଖଣ୍ଡପଡ଼ା ବିଧାୟକ ଉକ୍ତ ରାସ୍ତା ପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

